**Nurse Jobs in US**
Best Opportunities for Certified Nurses
classifieds.sulekha.com

**Training & Placement**
Best Training & Placement in RapidIT,inc
classifieds.sulekha.com

**SAP/BA/CM in VA**
Training with Placement Assurance
classifieds.sulekha.com

**Low Fare Travel**
Specialize in fares from India to USA
classifieds.sulekha.com

AdNetwork by Sulekha


ଓଡ଼ିଶା ଡଟ୍ କମ୍
odisha.com
World's first and only 24x7 Oriya news portal


amazon.com
Privacy Info



You
Mehmet C. Oz, Mich...
New $14.70



The Best Life Diet
Bob Greene
New $15.60


Sunday, Feb 4, 2007


ARCHIVE S M T W T F S MORE

ପ୍ରଚ୍ଛଦ
ସୂଚୀ
· ଓଡ଼ିଶା ଖବର
· ପରିବେଶ
· ବିଜ୍ଞାନ
· ଶିକ୍ଷା
· ନାରୀ
· ପ୍ରବାସୀ ଓଡ଼ିଆ
· ବାଣିଜ୍ୟ ବ୍ୟବସାୟ
· ସ୍ୱାସ୍ଥ୍ୟ
· ଜିଲ୍ଲା ଖବର
· ରାଜନୀତି
· ଅପରାଧ
· ଧର୍ମ
· କଳା
· କ୍ୟାଲେଣ୍ଡର
· ସୂଚନା ଓ ପ୍ରଯୁକ୍ତି
ଅନ୍ୟାନ୍ୟ [+]
ବିଶେଷ ସ୍ତମ୍ଭ [+]
ଛବି [+]


ଫେବୃୟାରୀ ୪,୨୦୦୭ ରବିବାର

Font Problem Click here

## ଆଇଆଇଟି: ପ୍ରତିଶ୍ରୁତି ଦେଇ ଓଡ଼ିଶାକୁ କେନ୍ଦ୍ରର ପ୍ରତାରଣା

ଓଡିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର,ଫେବୃଆରୀ ୪(ଓଡିଶା ଡଟ୍ କମ୍) ଓଡ଼ିଶାର ଜନସାଧାରଣ ସର୍ବଦା ଶାନ୍ତିପ୍ରିୟ ଏବଂ ବିରୋଧର ସ୍ୱର ଏମାନଙ୍କର କ୍ଷୀଣ, ଯେଉଁଥି ପାଇଁ କି ଆଜି କେନ୍ଦ୍ର ସରକାର ରାଜ୍ୟରେ ଆଇଆଇଟି ସ୍ଥାପନର ପ୍ରତିଶ୍ରୁତି ଦେଇ ସେଥିରୁ ଓହରି ଯାଇଛନ୍ତି।

ଏକଦା ଜାତୀୟ ବିଜ୍ଞାନ ସଂସ୍ଥାନ (ଏନ୍ଆଇଏସ୍ଇଆର) ପ୍ରତିଷ୍ଠାକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ବେଳେ ବହୁ ଦାବି ପରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦ୍ୱାରା ତାହାର ଶିଳାନ୍ୟାସ ହେଲା ଏବଂ ସୌଭାଗ୍ୟର ସହ ରାଜଧାନୀ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପରିସରରେ ତାହା ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି।

କିନ୍ତୁ ଆଇଆଇଟି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି) ପ୍ରତିଷ୍ଠା ଦିଗରେ ଓଡ଼ିଶାର ଜନସାଧାରଣଙ୍କୁ କେନ୍ଦ୍ର ସରକାର ଖୋଲାଖୋଲି ପ୍ରତାରଣା କରୁଥିଲେ ମଧ୍ୟ ଅଦ୍ୟାବଧି ରାଜ୍ୟବାସୀ ମୁହଁ ଖୋଲି ନାହାନ୍ତି କି ବୁଦ୍ଧିଜୀବୀଙ୍କ ଚେତା ପଶିନାହିଁ।


ଏହାସହ ପଢନ୍ତୁ
ଓଡ଼ିଶାରେ ଆଇଆଇଟି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ପୁଣି ଚିଠି
ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ


ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୮ ଅଗଷ୍ଟ ୨୦୦୬ରେ କେନ୍ଦ୍ର ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଏମ.ଏ.ଏ.ଏ. ଫାତମୀ ବିହାରର ରାଜଧାନୀ ପାଟନାଠାରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲିଙ୍ଗ (ଏନଆଇଓଏସ)ର ଉଦ୍‌ଘାଟନ ସମାରୋହରେ ଯୋଗ ଦେଇ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ସଂକ୍ରାନ୍ତରେ ବେଶ୍ ପ୍ରତିଶ୍ରୁତି ଦେଇଥିଲେ।

ସେ କହିଥିଲେ, 'ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଦେଶରେ ତିନିଟି ଆଇଆଇଟି ପ୍ରତିଷ୍ଠା କରାଯିବ। ତାଲିକା ମଧ୍ୟରେ ବିହାର, ଓଡ଼ିଶା ଓ ଏକ ପଶ୍ଚିମାଞ୍ଚଳ ରାଜ୍ୟ ଅନ୍ତର୍ଭୁକ୍ତ। ଏହା ବାଦ୍ ବିହାରରେ ଏକ ଆଇଆଇଆଇଟି ମଧ୍ୟ ପ୍ରତିଷ୍ଠିତ ହେବ'।

କିନ୍ତୁ ୧୯ ଡ଼ିସେମ୍ବର ୨୦୦୬ରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ. ରାଜଶେଖର ରେଡ୍ଡୀ ହଠାତ୍ ଘୋଷଣା କଲେ ଦେଶର ଅଷ୍ଟମ ଆଇଆଇଟି ଆନ୍ଧ୍ର ପ୍ରଦେଶରେ ପ୍ରତିଷ୍ଠା କରାଯିବ।

କେନ୍ଦ୍ର ମାନବ ସମ୍ବଳ ବିଭାଗ ରାଜସ୍ଥାନ, ବିହାର ଏବଂ ଆନ୍ଧ୍ର ପ୍ରଦେଶରେ ତିନିଟି ଆଇଆଇଟି ସ୍ଥାପନ ପାଇଁ ଅନୁମୋଦନ ଦେଇଥିବା ଜଣାପଡ଼ିଲା। ସୂଚନାଯୋଗ୍ୟ, ଏବେ ଦେଶରେ ମୋଟ ୭ଟି ଆଇଆଇଟି (ନୂଆଦିଲ୍ଲୀ, ମୁମ୍ବାଇ, ଖଡ଼ଗପୁର, କାନପୁର, ରୁରକି, ଚେନ୍ନାଇ ଏବଂ


**Relax &Feel at home**
Located in a clean & perfect residential
classifieds.sulekha.com

**Dream into reality**
Innovative residential development
classifieds.sulekha.com

**Golden Opportunity**
Excellent Training & Placements assured.
classifieds.sulekha.com

**Arts&Crafts**
Designed to create the revolution
classifieds.sulekha.com

**World Trips**
Enjoy your trip with your family &friend
classifieds.sulekha.com

AdNetwork by Sulekha

**NRI Township**
Best investments and High Returns

ଓଡ଼ିଶା ଡ଼ଟ୍ କମ୍ [+]
ବିଶେଷ [+]

ଗୌହାଟି) ଅଛି ।

ପ୍ରତିଷ୍ଠିତ ହେବାକୁ ଥିବା ପ୍ରତି ଆଇଆଇଟି ପାଇଁ ପରବର୍ତ୍ତୀ ୬ ବର୍ଷ ମଧ୍ୟରେ ୪୦୦୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ଯୋଜନା ଅଟକଳ ମଧ୍ୟ ହୋଇଛି । ଯଦି ଯୁକ୍ତି କରାଯାଏ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏନଆଇଏସଇଆର ଉପହାର ଦେଇଥିବାରୁ ଆଇଆଇଟି ତାଲିକାରୁ ରାଜ୍ୟ ବାଦ ପଡ଼ିଲା, ତେବେତ ଆମେ ବଡ଼ କ୍ଷତିର ସମ୍ମୁଖୀନ ହେଲେ ।

ଆର୍ଥିକ ଦୃଷ୍ଟି କୋଣରୁ ଦେଖିଲେ ଏନ୍‌ଆଇଏସ୍‌ଇଆର ପାଇଁ ୭୫୦ କୋଟି ଟଙ୍କା ବିନିଯୋଗ ହେଉଥିବା ବେଳେ ଆଇଆଇଟିର ଖର୍ଚ୍ଚ ଅଟକଳ ୪୦୦୦ କୋଟି ଟଙ୍କା । ଅର୍ଥାତ୍ ଆମେ ୩୨୫୦ କୋଟି ଟଙ୍କାର ଯୋଜନାକୁ ହାତଛଡ଼ା କଲେ ।

ଯଦି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠାର ଯଥାର୍ଥତା ଉପରେ ପ୍ରଶ୍ନ କରାଯାଏ ତେବେ ଅନେକ ଯୁକ୍ତି ଉପସ୍ଥାପିତ ହୋଇପାରିବ ।

ଯଥା ରାଜ୍ୟ ଖୁବ୍ ଶୀଘ୍ର ବାର୍ଷିକ ୭୦ ମିଲିଅନ୍ ଟନ୍ ଇସ୍ପାତ ପ୍ରସ୍ତୁତର କ୍ଷମତା ପାଇବ । ଅନ୍ୟାନ୍ୟ ସଫଳତା ମଧ୍ୟରେ ବାର୍ଷିକ ଏକ ମିଲିଅନ୍ ଟନ୍ ଆଲୁମିନା ରିଫାଇନିଙ୍ଗ, ଏକ ମିଲିଅନ୍ ଟନ୍ ଆଲୁମିନିୟମ୍, ୧୫ ମିଲିଅନ୍ ଟନ୍ ପେଟ୍ରୋକେମିକାଲ ରିଫାଇନିଙ୍ଗ, ୧୩୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ, ୫ମିଲିଅନ୍ ଟନ୍ ସିମେଣ୍ଟ ଉତ୍ପାଦନର କ୍ଷମତା ମଧ୍ୟ ହାସଲ ହେବା ନିଶ୍ଚିତ ।

୨୦୦୬ ମଧ୍ୟରେ ୨୦ରୁ ଅଧିକ ଆଇରନ୍ ଏବଂ ଇସ୍ପାତ୍ କାରଖାନା ଉତ୍ପାଦନ ଆରମ୍ଭ କଲେଣି । ପୋସ୍କୋ, ଟାଟା, ମିତ୍ତଲ, ଏଲ ଆଣ୍ଡ ଟି, ବେଦାନ୍ତ, ଇନ୍‌ଫୋସିସ୍, ସତ୍ୟମ୍, ଟିସିଏସ, ୱିପ୍ରୋ ଏବଂ ମାଇଣ୍ଡ ଟ୍ରି ଆଦି କମ୍ପାନୀ ମଧ୍ୟ ରାଜ୍ୟରେ ନିବେଶ ଦିଗରେ ଅଗ୍ରସର ହୋଇଛନ୍ତି ।

ବିଗତ ବର୍ଷ ମଧ୍ୟରେ ଓଡ଼ିଶାରେ ୪୦ରୁ ଅଧିକ ଇଞ୍ଜିନୟରିଂ କଲେଜ ଖୋଲି ସାରିଲାଣି । ଏକ ଆଇଆଇଟି ପ୍ରତିଷ୍ଠା ହେଲେ ଶୈକ୍ଷିକ ପରିବେଶ ଏବଂ ଗବେଷଣା ଦିଗରେ ଯଥେଷ୍ଟ ସହାୟକ ହେବା ନିଶ୍ଚିତ ।

ଓଡ଼ିଶା ପାଇଁ ଅନ୍ୟ,ଏକ ଅବହେଳାର ବିଷୟ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟର ଅନୁଦାନ ମିଳିବା କ୍ଷେତ୍ରରେ । ଅନୁଦାନ ତାଲିକାରେ ରାଜ୍ୟ ନିମ୍ନରୁ ତୃତୀୟ ସ୍ଥାନରେ ଅଛି ଦେଖିଲେ ଆଶ୍ଚର୍ଯ୍ୟ ତଥା କ୍ଷୋଭର ପରିପ୍ରକାଶ ନିଶ୍ଚିତ ।

୨୦୦୬-୦୭ ବଜେଟରେ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ନିମନ୍ତେ କେନ୍ଦ୍ରର ମାନବ ସମ୍ବଳ ମନ୍ତ୍ରାଳୟ ଓଡ଼ିଶାରେ ମୁଣ୍ଡପିଛା ୪ ଟଙ୍କା ୭ ପଇସା ଅନୁଦାନ ରଖିଛି । ଏପରି ସ୍ଥଳେ ଦିଲ୍ଲୀ ପାଇଁ ୧୮୩ ଟଙ୍କା ୮ ପଇସା, ପଶ୍ଚିମବଙ୍ଗ ପାଇଁ ୪୧ଟଙ୍କା ୨୦ପଇସା (୨୮ ଟଙ୍କା ୧ ପଇସାରୁ ବୃଦ୍ଧି ଘଟିଛି) ।

କର୍ଣ୍ଣାଟକ ପାଇଁ ୩୩ ଟଙ୍କା ୪ପଇସା (୨୫ ଟଙ୍କାରୁ ବୃଦ୍ଧି ଘଟିଛି), ତାମିଲନାଡୁ ପାଇଁ ୨୭ ଟଙ୍କା (୧୭ ଟଙ୍କା ୭୯ ପଇସାରୁ ବୃଦ୍ଧି ଘଟିଛି), ମହାରାଷ୍ଟ୍ର ପାଇଁ ୨୮ ଟଙ୍କା ୩୮ ପଇସା (୧୭ ଟଙ୍କା ୧ ପଇସାରୁ ବୃଦ୍ଧି ଘଟିଛି),ଉତ୍ତରପ୍ରଦେଶ ପାଇଁ ୧୭ ଟଙ୍କା ୭୩ ପଇସା ଓ ଆନ୍ଧ୍ର ପାଇଁ ୧୬ ଟଙ୍କା ୦୫ ପଇସା ।

ଠିକ୍ ସେହିପରି ପଞ୍ଜାବ ପାଇଁ ୩୩ ଟଙ୍କା ୨୭ ପଇସା, ହରିଆନା ପାଇଁ ୮ ଟଙ୍କା ୧୩ ପଇସା, କେରଳ ପାଇଁ ୭ ଟଙ୍କା ୯୦ ପଇସା, ମଧ୍ୟପ୍ରଦେଶ ପାଇଁ ୯ ଟଙ୍କା ୨ପଇସା, ଗୁଜରାଟ ପାଇଁ ୪ ଟଙ୍କା ୮୭ ପଇସା, ରାଜସ୍ଥାନ ପାଇଁ ୨ ଟଙ୍କା ୫୯ ପଇସା ଏବଂ ବିହାର ପାଇଁ ମୁଣ୍ଡପିଛା ଅନୁଦାନ ୧ଟଙ୍କା ୮୭ ପଇସା ଅଛି ।


Parasol Sun Umbrella For Teens And Y...
Best Price $36.90
or Buy New $36.90
Buy from amazon.com
Privacy Information


If we could save you 59% on your student loans, would you click on this ad?

ତେବେ ନିକଟରେ ଯେଉଁ ରାଜ୍ୟ ମାନେ ଆଇଆଇଟି ପାଇଛନ୍ତି ସେମାନଙ୍କୁ ୨୦୦୬ରେ ଅନ୍ୟ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଉପହାର ମଧ୍ୟ ଦିଆଯାଇଛି । ବିହାର ଏବଂ ଆନ୍ଧ୍ର ପ୍ରଦେଶକୁ ଗୋଟିଏ ଲେଖାଏଁ ଏନଆଇପିଇଆର (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସ୍ୟୁଟିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ) ସାର ଏବଂ ରସାୟନ ମନ୍ତ୍ରାଳୟ ଦୟାରୁ ମିଳିଛି । ଗୁଜରାଟ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ଏହି ପ୍ରକାର ସଂସ୍ଥାନ ପ୍ରତିଷ୍ଠା ହେବ ।

ଆନ୍ଧ୍ର ପ୍ରଦେଶରେ ଆଇଆଇପିଏଚ (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ୍ ହେଲ୍ଥ) ପ୍ରତିଷ୍ଠିତ ହେବ । ଅନ୍ୟାନ୍ୟ ରାଜ୍ୟ ମଧ୍ୟରେ ତାମିଲନାଡୁ, ୟୁପି, ଦିଲ୍ଲୀ, ପଞ୍ଜାବ, ଗୁଜରାଟ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ଏହି ସଂସ୍ଥା ପ୍ରତିଷ୍ଠା ହେବ ।

ଆନ୍ଧ୍ରପ୍ରଦେଶର ଓସମାନିଆ ୟୁନିଭରସିଟି କଲେଜ ଅଫ ଇଞ୍ଜିନିୟରିଂ ଏବଂ ଆନ୍ଧ୍ର ୟୁନିଭରସିଟି କଲେଜ ଅଫ ଇଞ୍ଜିନିୟରିଂକୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ଅନୁଦାନରେ ଆଇଆଇଟି ସ୍ତରରେ ରୂପାନ୍ତରିତ କରାଯାଇ ଆଇଆଇଇଏସଟି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି) ନାମିତ କରାଯିବ । ଆଇଟି-ବିଏଚୟୁ, ସିୟୁଏସଏଟି ଏବଂ ବିଇଏସୟୁ କୁ ମଧ୍ୟ ଏହି ମାନ୍ୟତା ଦିଆଯିବ ।

ସ୍ମରଣଯୋଗ୍ୟ, ୨୦୦୫-୦୬ରେ ମାନବ ସମ୍ବଳ ମନ୍ତ୍ରାଳୟ ଅନୁଦାନର ସମାନୁପାତିକ ବଣ୍ଟନ ପାଇଁ ଓଡ଼ିଶା ପ୍ରଥମେ ଦାବି ଉଠାଇଥିଲା । ଓଡ଼ିଶାର ଦୁଇ ଜଣ ଗବେଷକ ସମୀକ୍ଷା କରି ରାଜସ୍ଥାନ, ବିହାର ଏବଂ ଓଡ଼ିଶା ତାଲିକାର ନିମ୍ନରେ ଥିବା ପ୍ରମାଣ କରିଥିଲେ । ବୋଧହୁଏ ଏହି କଥା ପଦାକୁ ଆଣିଥିବାରୁ ଓଡ଼ିଶାକୁ ଦଣ୍ଡ ସ୍ୱରୂପ ଭଲ ପ୍ରୋଜେକ୍ଟରୁ ବାଦ୍ ଦିଆଯାଇ ବିହାର ଏବଂ ରାଜସ୍ଥାନକୁ ପୁରସ୍କାର ଦିଆଯାଇଛି ।

ଗତବର୍ଷ ଜାତୀୟ ବିଜ୍ଞାନ ସଂସ୍ଥା ଦାବି ଉଠାଇବା ବେଳେ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାବାସୀ ଆଧୁନିକ ଆନ୍ଦୋଳନର ପନ୍ଥା ଯଥା, ବନ୍ଦ, ଧର୍ମଘଟ, ରାସ୍ତାରୋକ ଇତ୍ୟାଦି କରିନଥିଲେ ବରଂ ହଜାର ହଜାର ଚିଠି ଲେଖି ଏବଂ ମହମବତୀ ଶୋଭାଯାତ୍ରା କରି କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ଥିଲେ ।

ଏବେ ଓଡ଼ିଶାକୁ ଆଇଆଇଟି ପ୍ରତିଷ୍ଠା ଦିଗରେ ପ୍ରତାରିତ କରାଯାଇଥିବାରୁ ଏହା ସ୍ପଷ୍ଟ ଯେ କେନ୍ଦ୍ର ସରକାର କେବଳ ଉଗ୍ରବାଦୀ ନୀତିରେ ଦାବି ହାସଲ ପନ୍ଥାର ଭାଷା ବୁଝିପାରନ୍ତି ।

ଯେପରିକି ବୋଡ଼ୋ ଆନ୍ଦୋଳନକାରୀଙ୍କ ସହ ବୁଝାମଣା କରିବାକୁ କୋକ୍ରାଝରରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ଆସାମରେ ଆଇଆଇଟି ଏବଂ ପଞ୍ଜାବରେ ସନ୍ଥ ଲଙ୍ଗୱାଲ ଇନଷ୍ଟିଚ୍ୟୁଟ ଲାଞ୍ଚ ଦିଆଯାଇଛି ।

ତଥାପି ଓଡ଼ିଶା ବାସୀ ଧୈର୍ଯ୍ୟ କରିଛନ୍ତି ଏବଂ ପ୍ରତିବାଦର ସ୍ୱର ଉତଥାପନ କରିନାହାନ୍ତି । ଏପରିକି ନିକଟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏମ.ଏ.ଏ. ଫାତମୀ ଓଡ଼ିଶା ଗସ୍ତରେ ଆସି ତିନିଦିନ ରହିଥିଲେ ମଧ୍ୟ ରାଜ୍ୟର କୌଣସି ନେତା କିମ୍ବା ସଂଗଠନ ତାଙ୍କ ନିକଟରେ ଆଇଆଇଟିର ଦୃଢ଼ ଦାବି ଉପସ୍ଥାପନ କରିନାହାନ୍ତି । ବରଂ ଫାତମୀ ପୁରୀ ଗସ୍ତରେ ଯାଇ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଏତେ ଜମିର ଆବଶ୍ୟକତା ନଥିବା ଦର୍ଶାଇ ଫେରି ଯାଇଛନ୍ତି ।

ଓଡ଼ିଶା ପ୍ରତି ଏପରି ବୈମାତୃକ ଭାବ ପରିହାର କରି କେନ୍ଦ୍ର ସରକାର ତୁରନ୍ତ ଆଇଆଇଟି ପ୍ରତିଷ୍ଠା ପାଇଁ ଯେପରି ନିଷ୍ପତ୍ତି ନେବେ ସେଥିପାଇଁ ରାଜ୍ୟର ନେତା ଓ ଜନସାଧାରଣଙ୍କୁ କିଛି ନୂତନ ଉପାୟ ଚିନ୍ତା କରିବାକୁ ପଡ଼ିବ ।

(ଚିତ୍ତ ବରାଳ, ପ୍ରଫେସର, ଆରିଜୋନା ୟୁନିଭରସିଟି, ଯୁକ୍ତରାଷ୍ଟ୍ର ଆମେରିକାଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ ଆଧାରିତ)

ଓଡ଼ିଶା ଡ଼ଟ୍ କମ୍

---

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
**Publisher & Owner: JATINDRA DASH**
**Editor: Prasanta Patnaik**
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା